ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

03rd Nov, 2019

# ଆଇଆଇଟିରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଭୁବନେଶ୍ୱର,୨।୧୧(ନି.ପ୍ର): ଆଇଆଇଟିରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ମୁଖ୍ୟ ଶାସନସଚିବ ଜି.ସି.ପତି, ପ୍ରଫେସର ଆର.କେ.ପଣ୍ଡା ଯୋଗଦେଇ ସାଧାରଣ ପ୍ରଶାସନରେ ସଂହତି ଏବଂ ସ୍ୱଚ୍ଛତା ରଖିବା ଓ ଦୁର୍ନୀତି ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ଲେଫ୍ଟନାଣ୍ଟ ଜେନେରାଲ ବସନ୍ତ କୁମାର ମହାପାତ୍ର, ପ୍ରାକ୍ତନ ପୁଲିସ ଡିଜି ନିର୍ମଳ ଚରଣ ପାଢ଼ୀ, ପ୍ରଫେସର ଗୋଦାବରୀଶ ମିଶ୍ର, ଡ଼ କାଳିନ୍ଦ ସାହୁ, ଆଇଆଇଟି ମୁଖ୍ୟ କୁଳସଚିବ ଦେବରାଜ ରଥ, ପ୍ରଫେସର ଡ଼. ରବିନ୍ଦ୍ର କୁମାର ପଣ୍ଡା ଭାଗ ନେଇଥିଲେ। ଜୀବନର ଆବଶ୍ୟକତା,ଅତୀତ ଓ ଭବିଷ୍ୟତ,କର୍ତ୍ତବ୍ୟ ଓ ଅଧିକାର,ଧାର୍ମିକ ବାଧ୍ୟବୋଧ ଉପରେ ଆଲୋଚକ ମତ ରଖିଥିଲେ।